# ବିଜ୍ଞାପନ

ଆମ ରାଜ୍ୟର ନାନାବିଧ ଉଲ୍ଲେଖନୀୟ ହସ୍ତକଳାର ନୈପୁଣ୍ୟ ପ୍ରଦର୍ଶନ ଉଦ୍ଦେଶ୍ୟରେ ଓଡ଼ିଶା ସରକାର ଆମ ରାଜଧାନୀ ଭୁବନେଶ୍ୱରଠାରେ ଏକ କାରିଗରୀ ସଂଗ୍ରହାଳୟ (Craft Museum) ସ୍ଥାପନ କରିଛନ୍ତି । ଏହି ମ୍ୟୁଜିୟମ୍‌ରେ ଭିନ୍ନଭିନ୍ନ ଗ୍ୟାଲେରୀ ନିର୍ମାଣ କରାଯାଇ ମନୁଷ୍ୟକୃତ ତଥା ଦୃଷ୍ଟି ଆକର୍ଷଣକାରୀ ଭିନ୍ନଭିନ୍ନ ଦ୍ରବ୍ୟ ଯଥା ପୋଷାକପତ୍ର, ଆନୁସଙ୍ଗିକ ଉପକରଣ, ଧାନ ନିର୍ମିତ କାରିଗରୀ ବସ୍ତୁ, କାଗଜ ନିମିତ ଦ୍ରବ୍ୟ, ଗୋବର ନିର୍ମିତ ଖେଳନା, ପରମ୍ପରାଗତ ତୈଳ ଚିତ୍ର ଓ ପଟ୍ଟ ଚିତ୍ର, ଟେରାକୋଟା କାରୁକାର୍ଯ୍ୟ, ପୁରାତନ ରାଜପରିବାର ବ୍ୟବହାର କରୁଥିବା ପୋଷାକପତ୍ର ଓ ଆସବାବପତ୍ର ତଥା ହାତ ହତିଆର, କାଠ ଖୋଦେଇ ଦ୍ରବ୍ୟ ଓ ମୂର୍ତ୍ତି ଚିତ୍ର, ରୁପାର ତାରକସୀ କାମ ଇତ୍ୟାଦି କଳାକୃତି ରଖାଯିବାର ବ୍ୟବସ୍ଥା କରାଯାଇଛି । ଆମ ଐତିହ୍ୟ ଓ ପରମ୍ପରା ସହ ଜଡ଼ିତ ଏହି ସବୁ ଦ୍ରବ୍ୟର ସଂଗ୍ରହଣ ସରକାରଙ୍କ ଆନୁକୁଲ୍ୟରେ ଗତ ଏକବର୍ଷ ଧରି ଜାରି ରହିଛି । ଏଗୁଡ଼ିକ ସାଧାରଣତଃ ଅତିଥିଭବନ, ରାଜଭବନ, ସରକାରୀ କାର୍ଯ୍ୟାଳୟ ଏପରିକି ବିଭିନ୍ନ ବ୍ୟକ୍ତିବିଶେଷଙ୍କ ପାଖରେ ଉପଲବ୍ଧ ହୋଇପାରେ । ଯେଉଁ ବ୍ୟକ୍ତିବିଶେଷ ଏଗୁଡ଼ିକ ସଂଗ୍ରହଣରେ ସହାୟତା ପ୍ରଦାନ କରିବେ ବା ଏଗୁଡ଼ିକୁ ସିଧାସଳଖ ପ୍ରଦାନ କରିବାକୁ ଇଚ୍ଛା ପ୍ରକଟ କରିବେ ସେମାନଙ୍କର ଏହି ଅମୂଲ୍ୟ ସାହାଯ୍ୟକୁ ବିନମ୍ରତାର ସହ ରାଜ୍ୟ ସରକାରଙ୍କ ତରଫରୁ ସ୍ୱୀକାର କରାଯିବ ।

ବିଶେଷ କରି ଜଗତ୍‌ସିଂହପୁର ଜିଲ୍ଲା ଏହାର କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରା ପାଇଁ ବିଦିତ । ଆମ ଓଡ଼ିଶା ସରକାରଙ୍କ ଉପରୋକ୍ତ ପଦକ୍ଷେପର ସଫଳ ରୂପାୟନ ପାଇଁ ଆମ ଜିଲ୍ଲାର କେତେକ କଳାକୃତି ଓ ହସ୍ତଦ୍ରବ୍ୟ ବା ପ୍ରାଚୀନ ଦ୍ରବ୍ୟ (Antique) ପ୍ରଦାନ କରିପାରିବା ବୋଲି ଆଶା । ଏଣୁ ଏହି ବିଜ୍ଞାପନ ମାଧ୍ୟମରେ ଏ ଜିଲ୍ଲାର ସମସ୍ତ ସରକାରୀ ତଥା ବେସରକାରୀ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ମାନଙ୍କୁ ଅନୁରୋଧ ସେମାନେ ଉପରୋକ୍ତ କୌଣସି ଦ୍ରବ୍ୟ ନିଜ ପାଖରେ ରଖିଥିଲେ ଏହାକୁ ଉଦାରତାର ସହ ଜଗତ୍‌ସିଂହପୁର ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟରେ ପଇଠ କରି ରସିଦ୍ ନେବେ । ଅନ୍ୟସ୍ଥଳେ ଏଭଳି ଦ୍ରବ୍ୟ କେଉଁଠାରେ ଉପଲବ୍ଧ ସେହି ସୂଚନା ସିଧା ଜିଲ୍ଲା ସଂସ୍କୃତି ଅଧିକାରୀ ବା ଜିଲ୍ଲାପାଳଙ୍କୁ ଲିଖିତ ଆକାରରେ ଜଣାଇପାରିବେ । ଏସବୁ ମୂଲ୍ୟବାନ ଦ୍ରବ୍ୟର ପ୍ରଦର୍ଶନ ଓ ସଂରକ୍ଷଣ ଆମ ଐତିହ୍ୟ ଓ ପରମ୍ପରା ପାଇଁ ଅପରିହାର୍ଯ୍ୟ ଓ ଏଗୁଡ଼ିକର ସଂଗ୍ରହଣ ପାଇଁ ଆପଣ ମାନଙ୍କ ଆନ୍ତରିକ ସାହାଯ୍ୟ ଓ ସହଯୋଗ ଏକାନ୍ତ ଆବଶ୍ୟକ । ଧନ୍ୟବାଦ୍ ।

**ଜିଲ୍ଲାପାଳ,**
**ଜଗତ୍‌ସିଂହପୁର**